www.olm.nic.in ବର୍ଷ :୧, ସଂଖ୍ୟା: ୩ ଜୁଲାଇ: ୨୦୧୭



# ଅନ୍ତ୍ୟୋଦୟ

ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଏକ ପ୍ରୟାସ

ସ୍ୱତନ୍ତ୍ର ସଂସ୍କରଣ

# ପ୍ରଗତି ପଥେ...

## ମିଶନ ୨,୬୪

୨୦୧୬ ମସିହା ଜୁଲାଇ ୨ ତାରିଖରେ ଯେତେବେଳେ ସରକାରଙ୍କ ଦ୍ୱାରା ପ୍ରଥମ କରି ଓଡ଼ିଶାରେ **'ମିଶନ ୨,୬୪'** ଅଭିଯାନ ଆରମ୍ଭ କରାଗଲା, ସେତେବେଳେ ଆମେ ବିଶ୍ୱାସ କରି ନ ଥିଲୁ ଯେ, ମାତ୍ର ବର୍ଷେ ମଧ୍ୟରେ ଆମକୁ ଏପରି ସଫଳତା ମିଳିପାରିବ ବୋଲି । ସଫଳତା କଥା ଆମେ କହୁନୁ, ଓଡ଼ିଶାର ପୁରପଲ୍ଲୀରେ ଯେଉଁଠାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି, ସେଠାକାର ହିତାଧିକାରୀ ହିଁ ଏହାକୁ ବେଶ୍ ଭଲ ଭାବେ ଅନୁଭବ କରିସାରିଲେଣି । ପ୍ରାୟ ବର୍ଷେ ହେବ, ସ୍ଥାନୀୟ ଜନସାଧାରଣ, ସହଯୋଗୀ ସଂସ୍ଥା ଓ ହିତାଧିକାରୀଙ୍କ ହସ ହିଁ ଆମ ସଫଳତା ବୋଲି କହିଛନ୍ତି 'ମିଶନ ୨,୬୪'ର ମଙ୍ଗୁଆଳ, ଓଡ଼ିଶ ଜୀବିକା ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଣବଜ୍ୟୋତି ନାଥ (ଭା.ପ୍ର.ସେ)।

ଓଡ଼ିଶା ଜୀବିକା ମିଶନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା **'ମିଶନ ୨,୬୪'** ଏକ ବର୍ଷ ମଧ୍ୟରେ ରାଜ୍ୟର ପୁରପଲ୍ଲୀରେ କେବଳ ଯେ, ଗରିବ ଲୋକଙ୍କୁ ରୋଜଗାରର ମାଧ୍ୟମ ଯୋଗାଇଦେଇଛି ତା ନୁହେଁ ବରଂ ସାଧାରଣ ଲୋକଙ୍କ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆଣିପାରିଛି । ଏହି ଯୋଜନା ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ୨୪ଟି ଜିଲ୍ଲାର ୮୮ ବ୍ଲକ ଅନ୍ତର୍ଗତ ୭୦୦ ଗ୍ରାମ ପଞ୍ଚାୟତର ୧୨,୦୦୦ ଗାଁରେ କାର୍ଯ୍ୟକାରୀ ହେଉଛି ।




**'ମିଶନ ୨,୬୪'** ଅଭିଯାନର ମୂଳ ଲକ୍ଷ୍ୟ ରାଜ୍ୟର ୨ଲକ୍ଷ ୬୪ ହଜାର ପରିବାରକୁ ଜୀବିକା ମିଶନ ଜରିଆରେ ବିଭିନ୍ନ ରୋଜଗାର ମୂଳକ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ସେମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସହ ତୃଣମୂଳସ୍ତରରେ ସାମଗ୍ରିକ ବିକାଶ କରିବା ଦିଗରେ ପ୍ରୟାସ ଜାରି ରହିଛି । **'ମିଶନ ୨,୬୪'** ଜରିଆରେ ଗତ ବର୍ଷେ ମଧ୍ୟରେ... ପରିବାରକୁ କୃଷି, ପଶୁ ଓ କୁକୁଡ଼ା ପାଳନ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି ତଥା ଅଣକୃଷି କ୍ଷେତ୍ରରେ ଲୋକଙ୍କୁ ଜୀବିକା ନିର୍ବାହ କରିବାର ଏକ ସଠିକ୍ ଦିଗଦର୍ଶନ ଦେବା ପାଇଁ ପ୍ରୟାସ କରାଯାଉଛି। ଏଥିପାଇଁ ଗ୍ରାମାଞ୍ଚଳସ୍ତରରେ କୃଷି ମିତ୍ର, ପ୍ରାଣୀ ମିତ୍ର, ବ୍ୟାଙ୍କ ମିତ୍ର ଓ ଉଦ୍ୟୋଦ ମିତ୍ର ନିଯୁକ୍ତି କରାଯାଇ ଉନ୍ନତ ଜୀବିକା ନିର୍ବାହର ଏକ ନିଆରା ପରିବେଶ ସୃଷ୍ଟି କରାଯାଇଛି । ଏଥିସହ ବିଭିନ୍ନ ଋଣ ପ୍ରଦାନ, ବୀମା ଯୋଜନା, ସ୍ୱୟଂ ସହାୟିକା ଗୋଷ୍ଠୀର ଦଶସୂତ୍ର କାର୍ଯ୍ୟକ୍ରମ, ଗୋଷ୍ଠୀ ପରିଚାଳନାର ସୂତ୍ର ସହ ଜୀବନ ଜୀବିକା ପାଇଁ ଏକ ପଥପ୍ରଦର୍ଶକ ସାଜିଛି 'ମିଶନ ୨,୬୪' । ଆଉ ହସ ଫୁଟାଇଛି ଅନେକଙ୍କ ମୁହଁରେ।

# ସଫଳ କାହାଣୀ

## କୃଷିମିତ୍ର ସଂଯୁକ୍ତା ଗଡ଼ନାୟକ

'ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ' । ଏହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ଦେବଗଡ଼ ଜିଲ୍ଲା ରେମାଳ ବ୍ଲକ ଦେଓଝରଣ ଗାଁର ସଂଯୁକ୍ତା ଗଡ଼ନାୟକ । ବିଷ୍ଣୁପ୍ରିୟା ସ୍ୱୟଂ ସହାୟକ ଗୋଷ୍ଠୀର ୪୭ ବର୍ଷୀୟା ସଂଯୁକ୍ତା ନିଜ ଉଦ୍ୟମ ଓ ପରିଶ୍ରମ ଦ୍ୱାରା ସେହି ଅଞ୍ଚଳର ଜଣେ ସଫଳ ମହିଳା ଚାଷୀ ହୋଇପାରିଛନ୍ତି । ଓଡ଼ିଶା ଜୀବିକା ମିଶନ ତାଙ୍କୁ ଏହି ସଫଳତା ଆଣିଦେଇଛି । ଗୋଷ୍ଠୀ ବିନିଯୋଗ ପାଣ୍ଠି (ସିଆଇଏଫ୍) ତରଫରୁ ୨୫ ହଜାର ଟଙ୍କା ଋଣ ନେଇ ସେ ଚାଷ କାର୍ଯ୍ୟ କରୁଛନ୍ତି । ଉଦ୍ୟାନ ବିଭାଗ ଓ ଜଳସମ୍ପଦ ବିଭାଗର ସହାୟତା ଦ୍ୱାରା ସେ ନିଜ ଜମିରେ ଏକ ପାଣି ପମ୍ପ ବସାଇ ପରିବା ଚାଷ କରୁଛନ୍ତି । ତାଙ୍କ ପରିବାର ଉଚ୍ଚ ଭୂମିରେ ବାସ କରୁଥିବାରୁ ସାଧାରଣତଃ କାଙ୍କଡ଼ ଓ ବିନ୍ ଆଦି ଚାଷ କରୁଛନ୍ତି । ଫଳରେ ଉର୍ବରକ ଓ କୀଟନାଶକ ଖର୍ଚ୍ଚରୁ ସେ ମୁକ୍ତି ପାଇ ଅଧିକ ଲାଭବାନ ହୋଇପାରିଛନ୍ତି ।



ଏଥିରି ଉତ୍ପାଦିତ ପରିବାକୁ ବିକ୍ରି କରି ସେ ୬ ମାସରେ ୧୫ ହଜାର ଟଙ୍କା ରୋଜଗାର କରିପାରିଛନ୍ତି । ପରିବା ଚାଷ ସହିତ ସେ ପଶୁପାଳନ ମଧ୍ୟ କରୁଛନ୍ତି । ବର୍ତ୍ତମାନ ସଂଯୁକ୍ତା ସେହି ଅଞ୍ଚଳର ଜଣେ ସଫଳ ଚାଷୀ ଭାବେ ପରିଚିତି ଲାଭ କରିବା ସହ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

## ସରସ୍ୱତୀଙ୍କ ସୁନେଲି ସଂସାର



କେନ୍ଦୁଝର ଜିଲ୍ଲା ଯୋଡ଼ାର ବାମବେରୀ ଗାଁର ସରସ୍ୱତୀ ମୁଣ୍ଡା । ଦିବ୍ୟାଙ୍ଗ ସରସ୍ୱତୀ ବିବାହ ପରେ ସ୍ୱାମୀ ଓ ଦୁଇ ସନ୍ତାନଙ୍କ ସହ ଏକାଠି ରହୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସ୍ୱାମୀଙ୍କଠାରୁ ମାନସିକ ଓ ଶାରୀରିକ ନିର୍ଯାତନା ପାଇବା ପରେ ଘରୁ ବାହାରି ଭିକ ମାଗି ଜୀବିକା ନିର୍ବାହ କରୁଥିଲେ ସରସ୍ୱତୀ । ସୌଭାଗ୍ୟ ବଶତଃ ଜଣେ ଭଦ୍ର ମହିଳା ଅଧିକାରୀଙ୍କ ସହଯୋଗରେ ଜିଲ୍ଲା ପ୍ରଶାସନର ସହାୟତା ପାଇ ଏକ ନୂଆ ଜୀବନ ଆରମ୍ଭ କରିଥିଲେ ସେ । ଓଡ଼ିଶା ଜୀବିକା ମିଶନ ଏବଂ ଓରମାସ ସହାୟତାରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ଆତ୍ମନିର୍ଭରଶୀଳ ହେବା ପାଇଁ ସିଲାଇ ତାଲିମ ନେଇ ଏବେ ଜଣେ ଦକ୍ଷ ସିଲାଇ ମିସ୍ତ୍ରୀ ଭାବେ ବେଙ୍ଗଲୁରୁରେ ଅବସ୍ଥାପିତ କରୁଛନ୍ତି । ଜିଲ୍ଲା ପ୍ରଶାସନ ସହାୟତାରେ ସେ ବେଙ୍ଗଲୁରୁର ଏକ ସଂସ୍ଥାରେ ମାସିକ ଦରମାରେ କାମ କରୁଛନ୍ତି । ସରସ୍ୱତୀଙ୍କ ଦୁର୍ଦ୍ଦିନ ସମୟରେ ଓରମାସ ଏବଂ ଜୀବିକା ମିଶନର ସହଯୋଗ ହିଁ ତାଙ୍କୁ ଆଜି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିପାରିବାରେ ସଫଳ ହୋଇପାରିଛନ୍ତି । ଆର୍ଥିକ ଅନଟନ ଏବଂ ଜଣେ ନିଷ୍ପେସିତ ମହିଳା ଭାବେ ଦିନ କାଟିଥିବା ସରସ୍ୱତୀ ଏବେ ନିଜ ପ୍ରତିଭା ଓ ଦକ୍ଷତାକୁ ନେଇ ବେଶ୍ ଖୁସି । ବଦଳିଛି ସରସ୍ୱତୀଙ୍କ ଦୁନିଆ, ବଦଳିଛି ତାଙ୍କ ଭାଗ୍ୟ । ଜୀବିକା ମିଶନ ଏବଂ ଓରମାସ, ସରସ୍ୱତୀଙ୍କ ମୁହଁରେ ଆଣିଦେଇଛି ହସ

# ସଫଳତାର ବାର୍ତ୍ତା ବହ...

## କୃଷି ମିତ୍ର ସୁମିତ୍ରା ସାହୁ



ସୁନ୍ଦରଗଡ଼, କୁଆଁରମୁଣ୍ଡା ଅଞ୍ଚଳର ୩୧ ବର୍ଷୀୟା ସୁମିତ୍ରାଙ୍କର ଶିକ୍ଷାଗତ ଯୋଗ୍ୟତା ସପ୍ତମ ଶ୍ରେଣୀ । ସେହି ଅଞ୍ଚଳର ତିନିଟି ଗାଁର ୨୩୦ ଜଣ ଚାଷୀଙ୍କୁ ତାଲିମ ଦେଉଛନ୍ତି ସୁମିତ୍ରା । ଜୈବିକ ପଦ୍ଧତିରେ ୭ ଏକର ଜମିରେ ପରିବା ଚାଷ କରି ସୁମିତ୍ରା ୬ ମାସରେ ୮୦ ହଜାର ଟଙ୍କା ଲାଭ କରିପାରିଛନ୍ତି । ସେହି ଅଞ୍ଚଳରେ ଓଡ଼ିଶା ଜୀବିକା ମିଶନ ସହାୟତାରେ ମନରେଗା ଓ ଆଇପିପିଇ-୨ର ମିଳିତ ସହଯୋଗରେ ଚାଷୀଙ୍କୁ ସେ ଜୈବିକ ପଦ୍ଧତିରେ ଚାଷ କରିବାକୁ ପ୍ରୋତ୍ସାହିତ କରିଛନ୍ତି । ଫଳରେ ୧୫୦ ଜଣ ଚାଷୀ ଏହି ପଦ୍ଧତିରେ ପରିବା ଚାଷ, ସାତ ଜଣ କମ୍ପୋଷ୍ଟ, କୋଡ଼ିଏ ଜଣ 'ହାଣ୍ଡିଖଟା' ପ୍ରସ୍ତୁତ କରି ବ୍ୟବହାର କରୁଛନ୍ତି । ଏହା ବ୍ୟତୀତ ୬୦ଜଣ ଚାଷୀ 'ଶ୍ରୀ' ପ୍ରଣାଳୀରେ ମଧ୍ୟ ଚାଷ କରୁଛନ୍ତି । ସୁମିତ୍ରା ନିଜ ଫାର୍ମରେ କମ୍ପୋଷ୍ଟ ଖତ ଏବଂ ହାଣ୍ଡିଖଟା ପ୍ରସ୍ତୁତ କରିବା ସହ ଏହାକୁ ବ୍ୟବହାର କରି ଭଲ ଅମଳ କରିବାରେ ମଧ୍ୟ ସଫଳ ହୋଇପାରିଛନ୍ତି ।

## କୃଷିମିତ୍ର ଶଶୀଭୂଷଣ ଦଳବେହେରା

ନୟାଗଡ଼ର ଶଶୀ ଭୂଷଣ ଦଳବେହେରା ସ୍ନାତକ ପାସ୍ କରିଥିଲେ ମଧ୍ୟ ୨୭ ବର୍ଷ ଧରି ଚାଷ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଜଣେ ସଫଳ ଚାଷୀ ତଥା କୃଷିମିତ୍ର ଭାବେ ପରିଚିତି ପାଇଛନ୍ତି । ପଚାଶ ବର୍ଷୀୟ ଶଶୀ ନିଜେ ଜୈବ କୀଟନାଶକ ପ୍ରସ୍ତୁତ ଏବଂ ବ୍ୟବହାର କରୁଛନ୍ତି । ନିଜ କୁକୁଡ଼ା ଫାର୍ମରୁ ବାହାରୁଥିବା ଆବର୍ଜନାକୁ ବ୍ୟବହାର କରି ସେ 'ପ୍ରାଣ ମୃତ' ପ୍ରସ୍ତୁତ କରୁଛନ୍ତି । ଏଥିସହ ସେ ଜୈବିକ ଖତ, ସବୁଜ ଖତ, ବ୍ୟବହାର କରି ନିଜ ପାଞ୍ଚ ଏକର ଜମିରେ 'ଶ୍ରୀ' ପ୍ରଣାଳୀରେ ଚାଷ କରୁଛନ୍ତି । ଏହା ବ୍ୟତୀତ ମାଛ, କୁକୁଡ଼ା ଚାଷ, ପିଆଜ ଗଚ୍ଛିତ ରଖିବା ପାଇଁ ପ୍ରସ୍ତୁତି ଏବଂ ଜୈବିକ ପ୍ରଣାଳୀରେ ପରିବା ଚାଷ କରିଛନ୍ତି । ରାଗୀ ଚାଷ ପାଇଁ ସେ 'ବୃକ୍ଷ ଓ ଜୀବର ବନ୍ଧୁ' ପୁରସ୍କାର ପାଇବା ସହ କୃଷି ବିଭାଗ ପକ୍ଷରୁ ତାଙ୍କୁ 'କୃଷକ ସାଥୀ' ଭାବେ ମଧ୍ୟ ସମ୍ମାନିତ କରାଯାଇଛି ।



# ରାଜ୍ୟ ମିଶନ ନିର୍ଦ୍ଦେଶକଙ୍କ ଅନୁଭୂତି...

**ଜାତୀୟ ଗ୍ରାମୀଣ ଜୀବିକା ମିଶନ ଜରିଆରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା "ମିଶନ ୨,୭୪" ଯୋଜନା ଗତ ଏକ ବର୍ଷ ମଧ୍ୟରେ ବେଶ୍ସଫଳତା ହାସଲ କରିଛି। ତୃଣମୂଳସ୍ତରରୁ ଜିଲ୍ଲାସ୍ତରୀୟ ଅଧିକାରୀ, ପଞ୍ଚାୟତ ଓ ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମକର୍ତ୍ତାଙ୍କ ସାମିଲ, ନିଷ୍ଠାପର ଉଦ୍ୟମ ଓ ସହଯୋଗ ହିଁ ଆଜି ଏହି ଯୋଜନାକୁ ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବ ବୋଲି ଆଶା କରାଯାଉଛି । ଏଥିସହ ମିଶନର ଗୁରୁ ଦାୟିତ୍ୱ ନେଇଥିବା ରାଜ୍ୟ ମିଶନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଣବ ଜ୍ୟୋତି ନାଥ (ଭା.ପ୍ର.ସେ) ମଧ୍ୟ ଏହି ଯୋଜନାକୁ ଆଗାମୀ ବର୍ଷରେ ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାକୁ ଦୃଢ଼ ବିଶ୍ୱାସୀ ଅଛନ୍ତି। ଗତ ଏକ ବର୍ଷର ଅନୁଭୂତି ସମ୍ପର୍କରେ ଶ୍ରୀଯୁକ୍ତ ନାଥଙ୍କ ସହ ଏକ ସାକ୍ଷାତକାର।**



**ପ୍ରଶ୍ନ : "ମିଶନ ୨,୭୪"ର ଆଭିମୁଖ୍ୟ କ'ଣ ?**

**ମିଶନ ନିର୍ଦ୍ଦେଶକ:** ଓଡ଼ିଶାର ପୁରପଲ୍ଲୀରେ ବସବାସ କରୁଥିବା ଲକ୍ଷ ଲକ୍ଷ ଗରିବ ପରିବାରକୁ ସ୍ୱୟଂ ସହାୟିକା ଗୋଷ୍ଠୀସହ ସାମିଲ କରି ସେମାନଙ୍କ ପାଇଁ ଜୀବିକା ନିର୍ବାହର ଏକାଧିକ ଯୋଜନା ଉପଲବ୍ଧ କରାଇବା "ମିଶନ ୨,୭୪"ର ମୂଳ ଲକ୍ଷ୍ୟ । ଜାତୀୟ ଗ୍ରାମୀଣ ଜୀବିକା ମିଶନ ଯୋଜନା ଅନ୍ତର୍ଗତ ସ୍ୱତନ୍ତ୍ର ଅଞ୍ଚଳରେ ଗରିବ ପରିବାରକୁ କୃଷି, ପଶୁପାଳନ, କୁକୁଡ଼ା ଚାଷ, ବନଜାତ ଦ୍ରବ୍ୟ ସଂଗ୍ରହ କ୍ଷେତ୍ରରେ ଜୀବିକା ନିର୍ବାହର ମାର୍ଗ ଦେଖାଇବା । ଏଥିସହ ପରିବାର ଗୁଡ଼ିକର ସାମାଜିକ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଲାଗି ବିଭିନ୍ନ ସହାୟକ ସଂସ୍ଥାକୁ ସାମିଲ କରି ଯୋଜନାକୁ ତୃଣମୂଳ ସ୍ତରରେ ସଫଳ କରିବା ।

**ପ୍ରଶ୍ନ : "ମିଶନ ୨,୭୪"ର ଆଭିମୁଖ୍ୟ କ'ଣ ?**

ମିଶନ ନିର୍ଦ୍ଦେଶକ: ସଫଳତା ପାଇ ଖୁବ୍ ଖୁସି ଲାଗୁଛି । ଗତ ଏକ ବର୍ଷ ମଧ୍ୟରେ ଏହି ମିଶନ ରାଜ୍ୟ ୭୦୫ଟି ଗ୍ରାମପଞ୍ଚାୟତର ଲୋକଙ୍କ ପାଖରେ ପହଞ୍ଚିପାରିଛି। ଏଥିପାଇଁ ପଞ୍ଚାୟତ ଏବଂ ପଞ୍ଚାୟତ ମହାସଂଘ ସ୍ତରରେ କୃଷି ମିତ୍ର, ପ୍ରାଣୀ ମିତ୍ର ଓ ଉଦ୍ୟୋଗ ମିତ୍ରଙ୍କ ସହାୟତାରେ ୨ଲକ୍ଷ ୭୧ ହଜାର ପରିବାର ନିକଟରେ "ମିଶନ ୨,୭୪" ପହଞ୍ଚି ପାରିଛି ପାରିଛି।

**ପ୍ରଶ୍ନ : ଯୋଜନା କାର୍ଯ୍ୟକାରୀ ସମୟରେ ସମସ୍ୟାର ମୁକାବିଲା କେମିତି କରିପାରିଛନ୍ତି ?**

**ମିଶନ ନିର୍ଦ୍ଦେଶକ:** ଆମ ସମ୍ମୁଖରେ ଅନେକ ସମସ୍ୟା ଆସିଥିଲା ଏବଂ ରହିଛି ମଧ୍ୟ । ତୃଣମୂଳସ୍ତରରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଆମେ ସମସ୍ୟାର ମୁକାବିଲା ପାଇଁ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଛୁ । ଆଲୋଚନା, ପର୍ଯ୍ୟାଲୋଚନା ଏବଂ ସମୀକ୍ଷା ସହ ଏକ ବ୍ୟବସ୍ଥିତ ପ୍ରକ୍ରିୟା କାର୍ଯ୍ୟକାରୀ କରି ଆମେ ମିଶନକୁ ଆଗେଇ ନେଇଛୁ । ଏଥିସହ ସମସ୍ୟାରା ମୁକାବିଲା ଦିଗରେ ଉଚିତ ପଦକ୍ଷେପ ମଧ୍ୟ ନିଆଯାଇଛି।

**ପ୍ରଶ୍ନ : "ମିଶନ ୨,୭୪" ମହିଳାଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି କି ?**

**ମିଶନ ନିର୍ଦ୍ଦେଶକ:** ହଁ "ମିଶନ ୨,୭୪"ରେ ମହିଳାମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। କିନ୍ତୁ ଏଥିରେ ପୁରୁଷମାନଙ୍କ ଗୁରୁ ଭୂମିକା ମଧ୍ୟ ରହିଛି। ଖାସ୍ କରି ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ଭୂମିକା, ଜୀବିକା ଯୋଜନାରେ ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣ, ବ୍ୟାଙ୍କ ମିତ୍ର, କୃଷିମିତ୍ର, ପ୍ରାଣୀ ମିତ୍ର ଓ ଉଦ୍ୟୋଗ ମିତ୍ର ଭାବେ ସେମାନଙ୍କ ଭୂମିକା ନାରୀ ସଶକ୍ତିକରଣ ଦିଗରେ ଏକ ମାଇଲଖୁଣ୍ଟ କହିଲେ ଭୁଲ ହେବନି। ଗ୍ରାମାଞ୍ଚଳର ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଏବଂ ନିରକ୍ଷର ମହିଳାମାନଙ୍କ ପାଇଁ ଜୀବିକା ନିର୍ବାହ କ୍ଷେତ୍ରରେ "ମିଶନ ୨,୭୪" ଏକ ପଥ ପ୍ରଦର୍ଶକ ସାଜିଛି।

**ପ୍ରଶ୍ନ : ଆଗାମୀ ବର୍ଷ ପାଇଁ "ମିଶନ ୨,୭୪"ର କିଭଳି ରଣନୀତି ପ୍ରସ୍ତୁତ କରିଛନ୍ତି ?**

**ମିଶନ ନିର୍ଦ୍ଦେଶକ:** ଓଡ଼ିଶା ଜୀବିକା ମିଶନ, ସହଯୋଗୀ ସଂସ୍ଥା, ସ୍ୱୟଂ ସହାୟିକା ଗୋଷ୍ଠୀ, ପଞ୍ଚାୟତ, ପଞ୍ଚାତାୟ ମହାଂସଘ କର୍ମକର୍ତ୍ତାମାନଙ୍କୁ ନେଇ ଅଭିଯାନକୁ କେମିତି ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାକୁ ହେବ ସେଥିପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରହିଛି। ଆଶା, ଅଭିଯାନ ନିଶ୍ଚୟ ସଫଳ ହେବ।

**ପ୍ରଶ୍ନ: "ମିଶନ ୨,୭୪" ସମ୍ପର୍କରେ କି ବାର୍ତ୍ତା ଦେବେ ?**

**ମିଶନ ନିର୍ଦ୍ଦେଶକ:** "ମିଶନ ୨,୭୪"ର ଗତ ଏକ ବର୍ଷର ସଫଳତା ପାଇଁ ପ୍ରଥମେ ମୁଁ ବିଭାଗୀୟ କମିଶନର ତଥା ସଚିବ, ଜୀବିକା ମିଶନର ଟିମ୍ ଲିଡର ଶିଶିର କୁମାର ପ୍ରଧାନ ଓ ତାଙ୍କୁ ଟିମ୍ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେବେ। ଆଶା କରୁଛି ବିଗତ ବର୍ଷରେ ଯେଭଳି ବ୍ୟବସ୍ଥିତ ଢଙ୍ଗରେ ଅଭିଯାନ ଲୋକଙ୍କ ନିତତର ହୋଇପାରିଛି, ଆଗାମୀ ବର୍ଷରେ ବି ସେହି ଭଳି ଭାବେ ଅଭିଯାନ ଓଡ଼ିଶାର ପୁରପଲ୍ଲୀରେ ଥିବା ଲକ୍ଷ ଲକ୍ଷ ପରିବାର ତଥା ମହିଳାଙ୍କ ମୁହଁରେ ନିଶ୍ଚୟ ହସ ଫୁଟାଇବ।



**ଶ୍ରେଷ୍ଠ ଫଟୋ** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ଜଣେ ଚାଷୀ ଅତ୍ୟାଧୁନିକ ବିହନ ବୁଣାଯନ୍ତ୍ରରେ ଧାନ ବିହନ ବୁଣୁଛନ୍ତି

# ଅନ୍ତ୍ୟୋଦୟ ପରିକ୍ରମା

## ଏସ୍‌ଆଇଆରଡିରେ ତାଲିମ ଶିବିର



ଓଡ଼ିଶା ଜୀବିକା ମିଶନ ତରଫରୁ ଭୁବନେଶ୍ୱରସ୍ଥିତ ଏସ୍.ଆଇ.ଆର.ଡି ପରିସରରେ ୪ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା କୃଷି ଓ ବୈଷୟିକ ମହାବିଦ୍ୟାଳୟ (ଓୟୁଏଟି)ର ପ୍ରାଣୀ ରୋଗ ବିଭାଗର ପ୍ରଫେସର ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ ଶିବିରରେ ଅନୁଗୁଳ, ବାଲେଶ୍ୱର ସମେତ ୯ଟି ଜିଲ୍ଲାର ବି.ଏମ୍.ଏମ.ୟୁ ଅଧିକାରୀ ଯୋଗ ଦେଇଥିଲେ । ଜୁଲାଇ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିଥିଲା ।

## ଫିସକୋଫେଡ୍ ରେ ତାଲିମ ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ

ଓଡ଼ିଶା ଜୀବିକା ମିଶନ ତରଫରୁ ୩୦ ଦିନିଆ ତାଲିମ ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩ ଜଣ ପ୍ରଶିକ୍ଷକ ଓ ଅନ୍ୟ ତିନି ଜଣ ସହ- ପ୍ରଶିକ୍ଷକ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକର ୨୭ ଜଣ ମହିଳାଙ୍କୁ ତାଲିମ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଜୁନ୍ ୨୦ ରୁ ଆରମ୍ଭ ହୋଇ ଜୁଲାଇ ୨୧ ପର୍ଯ୍ୟନ୍ତ ଚାଲିଥିଲା । ଏହି ଅବସରରେ ପ୍ରଶିକ୍ଷାର୍ଥୀମାନେ ୨୩ ଦିନ ତାଲିମ ପାଇଥିବା ବେଳେ ୭ ଦିନ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ।



## ମିଶନ ନିର୍ଦ୍ଦେଶକଙ୍କ ଝାରସୁଗୁଡ଼ା ଗସ୍ତ



ଝାରସୁଗୁଡ଼ା ଠାରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ରାଜ୍ୟ ମିଶନ ନିର୍ଦ୍ଦେଶକ ପ୍ରଣବଜ୍ୟୋତି ନାଥ (ଭା. ପ୍ର. ସେ) ଗସ୍ତ କରିଛନ୍ତି । ସେଠାରେ ପ୍ରଶିକ୍ଷାର୍ଥୀ, ଜିଲ୍ଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ସହ ମିଶନ ନିର୍ଦ୍ଦେଶକ ଆଲୋଚନା କରିଥିଲେ ।

## ଏସ୍‌ଏମ୍‌ଏମୟୁରେ ଟିଓଟି ଶିବିର



ଭୁବନେଶ୍ୱରସ୍ଥିତ ଏସ୍‌ଏମ୍‌ଏମୟୁ ପରିସରରେ ୪ ଦିନିଆ ତାଲିମଦାତାଙ୍କ ତାଲିମ ଶିବିର (ଟ୍ରେନିଂ ଅଫ୍ ଟ୍ରେନର) ଅନୁଷ୍ଠିତ ହୋଇଛି । ଏଥିରେ 'ପ୍ରଦାନ' ଏବଂ ଓଡ଼ିଶା କୃଷି ଓ ବୈଷୟିକ ମହାବିଦ୍ୟାଳୟ (ଓୟୁଏଟି) ର କୃଷି ବିଶେଷଜ୍ଞ, ୧୧୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ କୃଷି ପଦ୍ଧତି ଉପରେ ତାଲିମ ପ୍ରଦାନ କରିଥିଲେ । ଏଥିସହ ଦୁଇ ଦିନିଆ କର୍ମଶାଳା ମଧ ଅନୁଷ୍ଠିତ ହୋଇଥିଲା ।

## ପ୍ରାଣୀ ମିତ୍ରଙ୍କ ତାଲିମ ଶିବିର



କଳାହାଣ୍ଡି ଜିଲ୍ଲାରେ ପ୍ରାଣୀ ମିତ୍ରଙ୍କ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାଣୀ ମିତ୍ରମାନେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଳୟକୁ ଯାଇ ଟୀକାକରଣ, କୃମିନାଶକ ଉପରେ ତାଲିମ ନେଇଥିଲେ ।

## ଜୁନ୍ ମାସର କାର୍ଯ୍ୟକ୍ରମ

- ୧୨ ଜୁଲାଇ, ଓଡ଼ିଶା ଜୀବିକା ମିଶନ ରାଜ୍ୟ ନିର୍ଦ୍ଦେଶକଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ
- ୧୯ ଜୁଲାଇ, ମିଶନ ୨୦' ପାଇଁ ବ୍ଲକରେ ଦକ୍ଷତା ବିକାଶ କମର୍ଶାଳା
- ୨୦ ଜୁଲାଇ, କଳାହାଣ୍ଡିରେ ପ୍ରାଣୀମିତ୍ରଙ୍କ ଦ୍ୱାରା ଟୀକାକରଣ କାର୍ଯ୍ୟକ୍ରମ
- ୨୦ ଜୁଲାଇ, ବଡମ୍ବା ବିଡିଓଙ୍କ ଦ୍ୱାରା କୃଷି ମିତ୍ର ଏବଂ ଇଏଲଏସପି କିଟ୍ ବଣ୍ଟନ
- ୨୦ ଜୁଲାଇ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ରାଜନଗର ସିଏଫ୍ସି ଉଦ୍ଘାଟିତ
- ୨୧ ଜୁଲାଇ, କାଖରୁଝୁଲା ଜିପିଏଲଏଫରେ ୭ ଦିନିଆ ଆଇ-ସିଆରପି ତାଲିମ ଶିବିର ଶେଷ
- ୨୨ ଜୁଲାଇ, ବାରାଖୋମା ପଞ୍ଚାୟତରେ କୃଷି ମିତ୍ରଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ
- ୨୩ ଜୁଲାଇ, ଓଡଗାଁ ବ୍ଲକରେ କେଏମ ଏବଂ ଇଏଲଏସପିଙ୍କ ଭୂମି ଚୟନ ଓ ଚାରାରୋପଣ